# NATIONAL NEWS BULLETIN (ODIA)

**14 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆରମ୍ଭ ହେଲା ଭାରତ ଏବଂ ମଙ୍ଗୋଲିଆ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା

- ବୈଠକରେ ଉପସ୍ଥିତ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମଙ୍ଗୋଲିଆ ରାଷ୍ଟ୍ରପତି

- ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛି ଭାରତ-କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

- ବିହାର ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରାର୍ଥୀ ଚୟନ ନେଇ ରାଜନୈତିକ ଉଷ୍ମତା ଜାରି

- ଭାରତର ୩ଟି କାଶ ସିରପକୁ ବ୍ୟବହାର ନକରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ

ଏବଂ

- ଦ୍ୱିତୀୟ ତଥା ଚୂଡାନ୍ତ ଟେଷ୍ଟ କ୍ରିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ୭ ୱିକେଟ୍‌ରେ ପରାସ୍ତ କଲା ଭାରତ ।

# ପ୍ରେଜ୍ ମୋଙ୍ଗୋଲିଆ-ଇଣ୍ଡିଆ

ନୂଆଦିଲ୍ଲୀରେ ଭାରତ ଏବଂ ମଙ୍ଗୋଲିଆ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ଜାରି ରହିଛି । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମଙ୍ଗୋଲିଆ ରାଷ୍ଟ୍ରପତି ଖୁରେନ୍‌ସୁଖ ଉଖନା ଉପସ୍ଥିତ ଅଛନ୍ତି । ଉଭୟ ଦେଶର ପ୍ରତିନିଧି ଭାରତ ଓ ମଙ୍ଗୋଲିଆ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷିୟ ସମ୍ପର୍କର ସମୀକ୍ଷା କରୁଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

ମଙ୍ଗୋଲିଆ ରାଷ୍ଟ୍ରପତି ଆଜି ସକାଳେ ମହାତ୍ମାଗାନ୍ଧୀଙ୍କ ସମାଧୀସ୍ଥଳ ରାଜଘାଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂପ୍ରତି ମଙ୍ଗୋଲିଆ ରାଷ୍ଟ୍ରପତି ୪ଦିନିଆ ଭାରତ ଗସ୍ତରେ ଆସିଛନ୍ତି ।

ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ ଭେଟିବେ । ଶ୍ରୀମତୀ ମୁର୍ମୁ ମୋଙ୍ଗୋଲିଆ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଆଜି ଏକ ନୈଶ ଭୋଜିର ଆୟୋଜନ କରିଛନ୍ତି । ମୋଙ୍ଗୋଲିଆ ରାଷ୍ଟ୍ରପତିଙ୍କ ସହିତ ସେଠାକାର କ୍ୟାବିନେଟ୍ ମନ୍ତ୍ରୀ, ସାଂସଦ, ବରିଷ୍ଠ ଅଧିକାରୀ, ବ୍ୟାବସାୟିକ ନେତୃବୃନ୍ଦ ତଥା ସାଂସ୍କୃତିକ ପ୍ରତିନିଧିମାନେ ଭାରତ ଗସ୍ତରେ ଆସିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ୧୯୫୫ ମସିହାରେ ଭାରତ-ମୋଙ୍ଗୋଲିଆ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହୋଇଛି । ଗତ ଦୁଇ ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଓ ସୁରକ୍ଷା, ସଂସଦୀୟ

ବ୍ୟାପାର, ଶକ୍ତି, ଖଣିଜ ପଦାର୍ଥ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ସହଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ଭାଗିଦାରୀ ଜାରି ରହିଛି ।

# ବୈଷ୍ଣବ ଗୁଗୁଲ ଏଆଇ

କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଆନ୍ଧ୍ରପ୍ରଦେଶରେ ଗୁଗୁଲ ଦ୍ୱାରା ନୂଆ ଗିଗାୱାଟ - ସ୍କେଲ **AI** ହବ୍ ସ୍ଥାପନ ଘୋଷଣା ଭାରତର କୃତ୍ରିମ ବୁଦ୍ଧିମତା ଅଭିଯାନକୁ ଆହୁରି ଦୃଢ଼ କରିବ । ଗୁଗୁଲ ଆସନ୍ତା ୫ ବର୍ଷରେ ଆନ୍ଧ୍ରପ୍ରଦେଶର ବିଶାଖାପାଟନମରେ ୧୫ ବିଲିୟନ ଆମେରୀକିୟ ଡଲାର ବିନିଯୋଗ କରି ଏକ ଗିଗାୱାଟ-ସ୍କେଲ କୃତ୍ରିମ ବୁଦ୍ଧିମତା କେନ୍ଦ୍ର ସ୍ଥାପନ କରିବାକୁ ଘୋଷଣା କରିଛନ୍ତି । ଆମେରିକା ବାହାରେ ଗୁଗୁଲ ଏହି ସର୍ବବୃହତ୍ **AI** ହବ୍ ସ୍ଥାପନ କରିବ ବୋଲି ଜଣାପଡିଛି ।

ଆଜି ନୂଆଦିଲ୍ଲୀରେ ଭାରତ **AI** ଶକ୍ତି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି ଏହି କେନ୍ଦ୍ର ସ୍ଥାପନ ହେଲେ ଭାରତର **AI** ଅଭିଯାନକୁ ଅନେକଗୁଡ଼ିଏ କ୍ଷେତ୍ରରେ ଶକ୍ତି ମିଳିବ । ସେ କହିଛନ୍ତି ଆଜିର ବିଶ୍ୱରେ କୃତ୍ରିମ ବୁଦ୍ଧିମତା ମୌଳିକ ସ୍ତରରେ ବ୍ୟାପକ ପରିବର୍ତ୍ତନ ଆଣିଛି । ଏହି ଅବସରରେ ସେ ଆଇଟି ବୃତ୍ତିଧାରୀମାନଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ଦେବାଲାଗି ଗୁଗୁଲକୁ ଅନୁରୋଧ କରିଛନ୍ତି । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ସେବା

ଏକ ପ୍ରମୁଖ କ୍ଷେତ୍ର ଭାବେ ଉଭା ହୋଇଛି । ସେ କହିଛନ୍ତି ଦେଶର ଯୁବାପିଢ଼ୀଙ୍କୁ ଏ କ୍ଷେତ୍ରରେ ଅଧିକ ପାରଦର୍ଶୀ ଏବଂ ପାରଙ୍ଗମ କରିବା ତଥା ନିଯୁକ୍ତି କ୍ଷେତ୍ରରେ ସମ୍ଭାବନା ସୃଷ୍ଟି ଦିଗରେ କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯୋଗଦେଇ ନୀତି ନିର୍ଦ୍ଧାରଣ ଏବଂ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଆଧୁନିକତା ଆଣିବା ଲାଗି କୃତ୍ରିମ ବୁଦ୍ଧିମତାର ବ୍ୟବହାରକୁ ପ୍ରଶଂସା କରିଛନ୍ତି ।

## ଶାହା ଏନ୍‌ଏସ୍‌ଜି

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି । ଶ୍ରୀ ଶାହା କହିଛନ୍ତି ଆତଙ୍କବାଦୀମାନଙ୍କ ଧମକରୁ ଦେଶକୁ ସୁରକ୍ଷା ଦେବା ଲାଗି ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଆଜି ହରିୟାଣାର ମାନେଶରଠାରେ ଜାତୀୟ ସୁରକ୍ଷା ବଳ-ଏନ୍‌ଏସ୍‌ଜିର ୪୧ତମ ପ୍ରତିଷ୍ଠା ଦିବସରେ ଉଦ୍‌ବୋଧନ ଦେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ଦେଶରେ ଆତଙ୍କବାଦ ଏବଂ ସଂଗଠିତ ଅପରାଧ ବିରୋଧରେ ଲଢ଼େଇ କରିବା କ୍ଷେତ୍ରରେ ଏନ୍‌ଏସ୍‌ଜି ଆଗରେ ରହିଛି । ସେ କହିଛନ୍ତି ଖୁବ୍‌ଶୀଘ୍ର ଉତ୍ତରପ୍ରଦେଶର ଅଯୋଧ୍ୟାରେ ଏନ୍‌ଏସ୍‌ଜିର ଏକ ଶାଖା ଖୋଲାଯିବ । କାର୍ଯ୍ୟକ୍ରମରେ ଶ୍ରୀ ଶାହା ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି । ସେ କହିଛନ୍ତି ସେହି

ପ୍ରଶିକ୍ଷଣ କେନ୍ଦ୍ରରେ ଆତଙ୍କବାଦ ବିରୋଧ ଲଢ଼େଇ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ।

**V/O (Amit Saha)**

# ଆଫ୍‌ଗାନିସ୍ତାନ ଏଫ୍‌ଏମ୍

ଆଫ୍‌ଗାନିସ୍ତାନର ବୈଦେଶିକ ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି କହିଛନ୍ତି, ପାକିସ୍ତାନ ସହିତ ସୀମା ସଂଘର୍ଷ ସମୟରେ ଆଫ୍‌ଗାନିସ୍ତାନ ନିଜର ଲକ୍ଷ୍ୟ ହାସଲ କରିପାରିଛି । ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ପାକିସ୍ତାନର ଆକ୍ରମଣ ପରେ ହିଁ ଆଫ୍‌ଗାନିସ୍ତାନ ଏକ ସାମରିକ ଅପରେସନ୍ କାର୍ଯ୍ୟକାରୀ କରିଥିଲା । କତାର୍ ଓ ଅନ୍ୟାନ୍ୟ ଆରବ ଦେଶ ଭଳି ଆଫଗାନିସ୍ତାନର ବନ୍ଧୁ ରାଷ୍ଟ୍ର ଗୁଡ଼ିକ ଏହି ଯୁଦ୍ଧକୁ ବନ୍ଦ କରିବା ଲାଗି ପରାମର୍ଶ ଦେଇଥିଲେ । ଯୁଦ୍ଧ ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବରଂ ଆଲୋଚନା ମାଧ୍ୟମରେ ହିଁ ଏହା ସମ୍ଭବ ବୋଲି ଶ୍ରୀ ମୁତ୍ତାକି କହିଛନ୍ତି ।

# ବିହାର ଇଲେକ୍ସନ

ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ଏବଂ ଅନ୍ୟ ରାଜ୍ୟରେ ହେବାକୁ ଥିବା ଉପନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କ ପାଇଁ କଟକଣା ଜାରି କରିଛନ୍ତି ।

ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସାମାଜିକ ଗଣମାଧ୍ୟମ ୱେବ୍‌ସାଇଟ୍ ସମେତ କୌଣସି ଇଣ୍ଟରନେଟ୍ ଭିତ୍ତିକ ୱେବ୍‌ସାଇଟ୍‌ରେ ରାଜନୈତିକ ବିଜ୍ଞାପନ ପ୍ରକାଶ ନକରିବାକୁ କମିଶନ କହିଛନ୍ତି । ମିଡ଼ିଆ ସାର୍ଟିଫିକେଶନ ଏବଂ ମନିଟରିଂ କମିଟିର ପୂର୍ବ ସାର୍ଟିଫିକେଶନ ବିନା ବିଜ୍ଞାପନ ପ୍ରକାଶନ ଉପରେ କମିଶନ ରୋକ ଲଗାଇଛନ୍ତି । ଆୟୋଗ କହିଛନ୍ତି ଯେ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜନୈତିକ ବିଜ୍ଞାପନର ପୂର୍ବପ୍ରମାଣିକରଣ ପାଇଁ ଜିଲ୍ଲା ଏବଂ ରାଜ୍ୟସ୍ତରରେ କମିଟି ଗଠନ କରାଯାଇଛି । ନିର୍ବାଚନ ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମର ପ୍ରବେଶକୁ ଦୃଷ୍ଟିରେ ରଖି ଆୟୋଗ ପ୍ରାର୍ଥୀମାନଙ୍କୁ ନାମାଙ୍କନ ଦାଖଲ କରିବା ସମୟରେ ସେମାନଙ୍କର ପ୍ରାମାଣିକ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଗୁଡ଼ିକର ବିବରଣୀ ସଂଲଗ୍ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗ କହିଛନ୍ତି ବିଧାନସଭା ନିର୍ବାଚନ ଶେଷ ହେବାର ୭୫ଦିନ ମଧ୍ୟରେ ରାଜନୈତିକ ଦଳମାନେ ସାମାଜିକ ଗଣମାଧ୍ୟମ ୱେବ୍‌ସାଇଟ୍ ସମେତ ଇଣ୍ଟରନେଟ୍ ମାଧ୍ୟମରେ ହୋଇଥିବା ପ୍ରଚାର ଖର୍ଚ୍ଚର ବିବରଣୀ ଦାଖଲ କରିବା ଉଚିତ୍ ।

## ବିହାର ପଲିଟିକାଲ

ବିହାର ବିଧାନସଭା ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଜନତା ଦଳ ୟୁନାଇଟେଡ୍‌ର ଜାତୀୟ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ନିଜ ବାସଭବନରେ ଦଳର ବରିଷ୍ଠ ନେତାମାନଙ୍କ ବୈଠକ ଡାକିଛନ୍ତି । ଅନ୍ୟପକ୍ଷରେ ରତ୍ନେଶ ସଦାଙ୍କୁ ଦଳୀୟ ନିର୍ବାଚନୀ ଚିହ୍ନ ପ୍ରଦାନ କରାଯାଇଛି । ବରିଷ୍ଠ ବିଜେପି ନେତା ଏବଂ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କହିଛନ୍ତି ଖୁବ୍‌ଶୀଘ୍ର ପ୍ରାର୍ଥୀତାଲିକା ଘୋଷଣା କରାଯିବ ।

ଲୋକଜନଶକ୍ତି ପାର୍ଟି ଆର୍'ର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ କହିଛନ୍ତି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏର ସମସ୍ତ ସିଟ୍ ଆବଣ୍ଟନ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ମାଧ୍ୟମରେ ଶେଷ ହୋଇଛି । ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ସଭାପତି ଉପେନ୍ଦ୍ର କୁଶୱାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ସହିତ ଦଳ ଦୃଢ଼ ଭାବରେ ଛିଡା ହୋଇଛି । ତେବେ କଂଗ୍ରେସ ନେତୃତ୍ୱାଧୀନ ମହାମେଣ୍ଟରେ ସିଟ୍ ଆବଣ୍ଟନ ନେଇ ଏପର୍ଯ୍ୟନ୍ତ ଚୂଡାନ୍ତ ବୁଝାମଣା ହୋଇପାରିନାହିଁ । ରାଷ୍ଟ୍ରୀୟ ଜନତା ଦଳ ଓ କଂଗ୍ରେସ ମଧ୍ୟରେ ସିଟ୍ ଆବଣ୍ଟନ ହେବାକୁ ବାକି ରହିଛି । ସୂଚନା ଅନୁଯାୟୀ ଆର୍‌ଜେଡିର ଅନେକଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିଛି ।

# ଡବ୍ଲ୍ୟୁଏଚ୍‌ଓ କପ୍ ସିରପ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଲ୍ଡ ରିଫ୍ କଫ ସିରପ ସମେତ ଭାରତରେ ପ୍ରସ୍ତୁତ ହେଉଥିବା ଅନ୍ୟ ୩ଟି କଫସିରପ ଚିହ୍ନଟ କରିଛି, ଯାହା ସଠିକ୍ ମିଶ୍ରଣରେ ପ୍ରସ୍ତୁତ ହେଉନାହିଁ । ସଂଗଠନ ପକ୍ଷରୁ ଏନେଇ ସତର୍କତା ସ୍ୱରୂପ ଏହି କଫସିରଫ ଗୁଡ଼ିକ ବ୍ୟବହାର ନକରିବା ଲାଗି କହିଛି । ଏହାଦ୍ୱାରା ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଖରାପ ହେବାର ସମ୍ଭାବନା ରହିଥିବା ହୁ କହିଛି ।

ସଂଗଠନ ପକ୍ଷରୁ ବିଶ୍ୱର ସମସ୍ତ ଦେଶକୁ ଏହିଭଳି କଫସିରପକୁ ଚିହ୍ନଟ କରି ରିପୋର୍ଟ ପ୍ରଦାନ ଲାଗି କୁହାଯାଇଛି । ଦୁଇବର୍ଷରୁ କମ୍ ବୟସର ଶିଶୁ ଏବଂ ବିଶେଷକ୍ଷେତ୍ରରେ ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କ କ୍ଷେତ୍ରରେ ଏହି ପ୍ରକାର କଫସିରପ ବ୍ୟବହାର ନକରିବା ଏବଂ ଚିକିତ୍ସକମାନେ ସେମାନଙ୍କୁ ଏହି କଫସିରପ ବ୍ୟବହାର ଲାଗି ନ ଲେଖିବାକୁ ସଂଗଠନ କହିଛି ।

ଏହି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସଂଗଠନ ଶ୍ରେସନ ଫାର୍ମାସ୍ୟୁଟିକାଲ୍‌ସର କୋଲ୍ଡରିଫ୍ କପସିରଫ, ରେଡନେକ୍ସ ଫାମାସ୍ୟୁଟିକାଲ୍‌ସର ରେସ୍ପିଫ୍ରେସ୍ ଟିଆର୍ ଏବଂ ସେପ୍ ଫାର୍ମାର ରିଲାଇଫ୍ କଫସିରଫ ବ୍ୟବହାର ନକରିବା ଲାଗି ପରାମର୍ଶ ଦେଇଛି । ଗତ ସପ୍ତାହରେ ମଧ୍ୟପ୍ରଦେଶରେ କୋଲ୍ଡରିଫ ସିରପ ବ୍ୟବହାର କରି ଅନେକ ଶିଶୁଙ୍କ ମୃତ୍ୟୁ ଘଟିଥିଲା । ତାମିଲନାଡୁରେ ପ୍ରସ୍ତୁତ ହେଉଥିବା ଏହି କାସସିରପ ଡାଇ-ଇଥାଲେନ ଗ୍ଲାଇକୋଲ ନାମକ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସି ନକରାତ୍ମକ ଫଳ ଦେଇଥିବା

ଜଣାପଡିଛି । ଏହି କଫସିରପ ପ୍ରସ୍ତୁତ କରୁଥିବା କମ୍ପାନୀର ମାଲିକ ଜି. ରଙ୍ଗନାଥନଙ୍କୁ ଗିରଫ କରାଯାଇଛି ।

## ଟେଷ୍ଟ କ୍ରିକେଟ୍

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ତଥା ଚୂଡାନ୍ତ ଟେଷ୍ଟ କ୍ରିକେଟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ୭ ୱିକେଟ୍‌ରେ ଭାରତ ପରାସ୍ତ କରିବା ପରେ ୨-୦ରେ ସିରିଜ୍ ହାସଲ କରିଛି । ଭାରତୀୟ ବ୍ୟାଟ୍ସମ୍ୟାନ୍‌ମାନେ ଆଜି ମ୍ୟାଚ୍‌ର ପଞ୍ଚମ ଦିନରେ ୧୨୧ରନ୍‌ର ଲକ୍ଷ୍ୟ ହାସଲ କରିଛନ୍ତି । ଓପନିଂ ବ୍ୟାଟ୍ସମ୍ୟାନ୍ କେ.ଏଲ୍. ରାହୁଲ ୫୮ରନ୍ କରି ଅପିରାଜିତ ଥିବାବେଳେ ସାଇ ସୁଦର୍ଶନ ୩୯ରନ୍ କରିଛନ୍ତି । ପ୍ରଥମ ଇନିଂସ୍‌ରେ ଭାରତ ୫୧୮ରନ୍ ସ୍କୋର କରିଥିବାବେଳେ ୱେଷ୍ଟଇଣ୍ଡିଜକୁ ୨୪୮ରନ୍ ମଧ୍ୟରେ ସୀମିତ ରଖିଥିଲା । ଫଲୋଅନ୍‌କୁ ସାମ୍ନା କରି ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ୍‌ରେ ୩୯୦ ରନ୍ କରିବାକୁ ସକ୍ଷମ ହୋଇଥିଲା । ସୂଚନାଯୋଗ୍ୟ ଭାରତ ଆଜିର ବିଜୟ ସହ ଏପର୍ଯ୍ୟନ୍ତ କ୍ରମାଗତ ଭାବେ ୧୦ଟି ଟେଷ୍ଟମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି ।